# Prime Minister Addresses the virtual Global Vaccine Summit 2020

June 04, 2020

## ପ୍ରଧାନମନ୍ତ୍ରୀ ଭର୍ଚୁଆଲ୍ ବିଶ୍ୱ ଟିକା ସମ୍ମିଳନୀ 2020 କୁ ସମ୍ବୋଧିତ କରିଛନ୍ତି

**ଜୁନ** 04, 2020

ଭାରତ ଆଜି ଆନ୍ତର୍ଜାତୀୟ ଟିକା ସଂଗଠନ ଗାଭିକୁ 15 ମିଲିଅନ ଆମେରିକୀୟ ଡଲାର ପ୍ରତିଶ୍ରୁତି ଦେଇଛି।

ବ୍ରିଟେନର ପ୍ରଧାନମନ୍ତ୍ରୀ ବୋରିସ୍ ଜନସନଙ୍କ ଦ୍ୱାରା ଆୟୋଜିତ ହୋଇଥିବା ଭର୍ଚୁଆଲ୍ ଗ୍ଲୋବାଲ୍ ଭ୍ୟାକ୍ସିନ୍ ସମ୍ମିଳନୀକୁ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ସମ୍ବୋଧିତ କରିଥିଲେ ଯେଉଁଥିରେ 50 ରୁ ଅଧିକ ଦେଶ – ଅଗ୍ରଣୀ ଉଦ୍ୟୋଗପତି, ଜାତିସଂଘ ସଂସ୍ଥା, ନାଗରିକ ସମାଜ, ମନ୍ତ୍ରୀ, ଓ ଦେଶ ତଥା ରାଜ୍ୟ ମୁଖ୍ୟମାନେ ଅଂଶଗ୍ରହଣ କରିଥିଲେ।

ପ୍ରଧାନମନ୍ତ୍ରୀ ତାଙ୍କ ସମ୍ବୋଧନରେ କହିଛନ୍ତି ଯେ ଏହି ସଙ୍କଟ ସମୟରେ ଭାରତ ବିଶ୍ୱ ସହ ଏକଜୁଟ ହୋଇ ଛିଡା ହୋଇଛି।

ଶ୍ରୀ ମୋଦୀ କହିଛନ୍ତି ଭାରତୀୟ ସଭ୍ୟତା ବିଶ୍ୱକୁ ଏକ ପରିବାର ଭାବରେ ଦେଖିବା ପାଇଁ ଶିକ୍ଷା ଦେଇଥାଏ ଏବଂ ଏହି ମହାମାରୀ ସମୟରେ ଭାରତ ଏହି ଶିକ୍ଷାକୁ ସାକାର କରୁଛି। ସେ କହିଲେ ଭାରତ ଏହାର ଉପଲବ୍ଧ ଔଷଧକୁ 120ଟି ଦେଶକୁ ପ୍ରଦାନ କରିଛି। ନିଜର ବିଶାଳ ଜନସଂଖ୍ୟାକୁ ସୁରକ୍ଷା ଦେବା ସହିତ, ଭାରତ ଏହାର ପଡୋଶୀ ଦେଶମାନଙ୍କରେ ଏକ ସାଧାରଣ ପ୍ରତିକ୍ରିୟା ବ୍ୟବସ୍ଥା ବିକାଶ କରିଛି ତଥା ବିଭିନ୍ନ ଦେଶକୁ ବିଶେଷ ସହାୟତା ପ୍ରଦାନ କରିଛି।

ପ୍ରଧାନମନ୍ତ୍ରୀ କହିଛନ୍ତି କୋଭିଡ-19 ମହାମାରୀ ପ୍ରମାଣ କରିଦେଇଛିଯେ ବିଶ୍ୱ ସହଯୋଗ ସୀମିତ ଅଟେ ଏବଂ ନିକଟ ଇତିହାସରେ ପ୍ରଥମ ଥର ପାଇଁ ମାନବ ଜାତି ଏକ ସର୍ବସାଧାରଣ ଶତ୍ରୁର ସାମନା କରୁଛି।

ଗାଭି ବିଷୟରେ ସେ କହିଛନ୍ତି ଯେ ଏହା କେବଳ ଏକ ବିଶ୍ୱସ୍ତରୀୟ ମିଳିତ ସଂଗଠନ ନୁହେଁ ବରଂ ବିଶ୍ୱ ଏକତାର ପ୍ରତୀକ ଏବଂ ଏହା ଆମକୁ ସଚେତନ କରାଏଯେ ଅନ୍ୟମାନଙ୍କୁ ସାହାଯ୍ୟ କରି ଆମେ ମଧ୍ୟ ନିଜକୁ ସାହାଯ୍ୟ କରିପାରିବା।

ସେ କହିଛନ୍ତି ଭାରତର ଜନସଂଖ୍ୟା ବିଶାଳ ଏବଂ ସ୍ୱାସ୍ଥ୍ୟ ବ୍ୟବସ୍ଥା ସୀମିତ, ତେଣୁ ଏହା ଟିକାକରଣର ମହତ୍ତ୍ୱ ବୁଝେ।

ପ୍ରଧାନମନ୍ତ୍ରୀ କହିଛନ୍ତି ଭାରତ ସରକାରଙ୍କ ଦ୍ୱାରା ପ୍ରାରମ୍ଭ କରାଯାଇଥିବା ମିସନ ଇନ୍ଦ୍ରଧନୁଷ କାର୍ଯ୍ୟକ୍ରମର ଲକ୍ଷ ହେଉଛି ଦେଶର ଶିଶୁ ଓ ଗର୍ଭବତୀ ମହିଳାଙ୍କର ସମ୍ପୂର୍ଣ୍ଣ ଟିକାକରଣ। ଏହି ବିଶାଳ ଦେଶର ଦୂର ଦୁରାନ୍ତରେ ବାସ କରୁଥିବା ଲୋକଙ୍କୁ ମଧ୍ୟ ଏହାର ଅନ୍ତର୍ଭୁକ୍ତ କରାଯାଇଛି।

ସେ କହିଛନ୍ତି ସ୍ୱାସ୍ଥ୍ୟ ସୁରକ୍ଷାକୁ ବ୍ୟାପକ କରିବା ପାଇଁ ଭାରତ ଛଅଟି ନୂତନ ଟିକା ଜାତୀୟ ଟିକାକରଣ କାର୍ଯ୍ୟକ୍ରମ ଅନ୍ତର୍ଭୁକ୍ତ କରିଛି।

ପ୍ରଧାନମନ୍ତ୍ରୀ କହିଛନ୍ତି ଭାରତ ଏହାର ଟିକା ଯୋଗାଣ ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ଭାବେ ଡିଜିଟାଲ କରିବା ସହିତ ଶୀତଳ ଶୃଙ୍ଖଳାର ଅଖଣ୍ଡତା ନିରୀକ୍ଷଣ କରିବା ପାଇଁ ଏକ ଇଲେକ୍ଟ୍ରୋନିକ ଟିକା ବୁଦ୍ଧିମତ୍ତା ନେଟୱାର୍କ ବିକାଶ କରିଛି।

ସେ କହିଛନ୍ତି ଏହି ଉଦ୍ଭାବନଗୁଡିକ ଶେଷ ମାଇଲ୍ ପର୍ଯ୍ୟନ୍ତ ସଠିକ୍ ସମୟରେ ସଠିକ୍ ପରିମାଣରେ ନିରାପଦ ଏବଂ ଶକ୍ତିଶାଳୀ ଟିକା ଉପଲବ୍ଧତାକୁ ସୁନିଶ୍ଚିତ କରୁଛି।

ପ୍ରଧାନମନ୍ତ୍ରୀ କହିଛନ୍ତି ଭାରତ ବିଶ୍ୱର ଅଗ୍ରଣୀ ଟିକା ନିର୍ମାଣକର୍ତ୍ତା ଏବଂ ଏହା ଭାଗ୍ୟବାନ ଅଟେ ଯେ ବିଶ୍ୱର 60 ପ୍ରତିଶତ ଶିଶୁଙ୍କର ଟିକାକରଣ ପାଇଁ ଏହାର ଅବଦାନ ଅଛି।

ଶ୍ରୀ ମୋଦୀ କହିଛନ୍ତି ଭାରତ ଗାଭିର କାର୍ଯ୍ୟକୁ ସମ୍ମାନ ଓ ଗୁରୁତ୍ୱ ଦିଏ, ସେଥିପାଇଁ ଏହା ଗାଭିର ଆର୍ଥିକ ସହଯୋଗ କରିଛି ଯଦିଓ ଭାରତ ଗାଭିର ସାହାଯ୍ୟ ପାଇବା ପାଇଁ ଯୋଗ୍ୟ।

ପ୍ରଧାନମନ୍ତ୍ରୀ କହିଛନ୍ତି ଭାରତ ଗାଭିକୁ କେବଳ ଆର୍ଥିକ ସାହାଯ୍ୟ କରୁନି, ଏହାଛଡା ଭାରତର ବିଶାଳ ଚାହିଦା ଟିକାର ମୂଲ୍ୟ ହ୍ରାସ କରିବାରେ ସାହାଯ୍ୟ ହୋଇଛି। ଏତଦ୍ୱାରା ଗତ ପାଞ୍ଚ ବର୍ଷରେ ଗାଭିର ପ୍ରାୟ 400 ମିଲିଅନ ଆମେରିକୀୟ ଡଲାର ବଞ୍ଚିଯାଇଛି।

ପ୍ରଧାନମନ୍ତ୍ରୀ ଦୋହରାଇଛନ୍ତି ଯେ ଭାରତର ସ୍ୱଳ୍ପ ମୂଲ୍ୟରେ ଗୁଣାତ୍ମକ ଔଷଧ ଓ ଟିକା ଉତ୍ପାଦନ କରିବାର ପ୍ରମାଣିତ କ୍ଷମତା, ଦ୍ରୁତ ଗତିରେ ଟିକାକରଣରରେ ନିଜର ଘରୋଇ ଅଭିଜ୍ଞତା ଏବଂ ବହୁ ଅନୁସନ୍ଧାନ ପ୍ରତିଭା ଥିବା ସହିତ ଏହା ବିଶ୍ୱ ସହ ଏକଜୁଟ ହୋଇ ଛିଡା ହୋଇଛି।

ଭାରତର କ୍ଷମତା କେବଳ ବିଶ୍ୱର ସ୍ୱାସ୍ଥ୍ୟ ପ୍ରୟାସରେ ଯୋଗଦାନ କରିବା ପର୍ଯ୍ୟନ୍ତ ସୀମିତ ନୁହେଁ, ବରଂ ଏହାକୁ ଯତ୍ନର ସହିତ ଓ ଭାଗିଦାରୀରେ କରିବାର ମନୋଭାବ ମଧ୍ୟ ରହିଛି ବୋଲି ସେ କହିଛନ୍ତି।

**ନୂଆଦିଲ୍ଲୀ**
**ଜୁନ** 04, 2020

DISCLAIMER: This is an approximate translation. The original is available in English on MEA's website and may be referred to as the official press release.